ପ୍ରମେୟ

ତାରିଖ: ୨୧.୦୨.୨୦୧୭

### ବିଆଇଆଇଟିଏମ୍ ଫେଷ୍ଟ୍ ୨୦୧୭

# ଅନ୍ତର୍ନିହିତ ଗୁଣକୁ ପ୍ରକାଶ କର




ଭୁବନେଶ୍ୱର,୨୦।୨(ବ୍ୟୁରୋ): ପଟିଆ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ୍ (ବିଆଇଆଇଟିଏମ୍) ପକ୍ଷରୁ ପ୍ରତିଯୋଗିତା ମୂଳକ ସମାରୋହ ବିଆଇଆଇଟିଏମ୍ ଫେଷ୍ଟ୍ ୨୦୧୭ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରତାପ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ସମସ୍ତଙ୍କ ମଧ୍ୟରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ରହିଛି। ତାକୁ ଚିହ୍ନି ପରିପ୍ରକାଶ କରିବା ଦରକାର। ତେବେ ଯାଇ ଜଣେ ଆଗକୁ ଯାଇ ପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଦିଲ୍ଲିପ ସିଂହ ମଙ୍ଗତ ଯୋଗଦେଇ ଛାତ୍ରଛାତ୍ରୀ ସଚ୍ଚୋଟତା ଏବଂ ପାରଦର୍ଶିତାକୁ କିପରି ପାଥେୟ କରି ନିଜ କର୍ମକ୍ଷେତ୍ରରେ କିପରି ସଫଳତା ହାସଲ କରିପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଏନ୍‌ଇଏନ୍‌ର ଆଞ୍ଚଳିକ ସଂଯୋଜକ ବରଦା ପ୍ରସାଦ ପାଣିଗ୍ରାହୀ ଯୋଗଦେଇଥିଲେ।

ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ବୈଷୟିକ ଓ ମ୍ୟାନେଜ୍‌ମେଣ୍ଟ୍ କଲେଜରୁ ପାଖାପାଖି ୬ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରତିଯୋଗୀତାରେ ବିଜ୍‌ନେସ୍ ପ୍ଲାନ୍, ଅଲ୍‌ଟିମେଟ୍ ସିଇଓ, ନିୟୋଗ ଷ୍ଟକ୍‌ମାର୍କେଟ୍, ବିଜ୍‌ନେସ୍ କୁଇଜ୍, ଏକ୍ସଟେମ୍ପୋ, ବ୍ରାଣ୍ଡ୍ ଜିଙ୍ଗାଲାଲା, ଫେସ୍ ପେଣ୍ଟିଂ, କାଉଣ୍ଟର ଷ୍ଟ୍ରାଇକ୍, ନୃତ୍ୟ ଓ ର୍‍ୟାମ୍ପ୍ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓପିଏସ୍ଏଲ୍‌ର ଅଧ୍ୟକ୍ଷ ଡ. ଅମୀୟ କୁମାର ବେହେରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସମାରୋହକୁ ପରିଚାଳନା କରିଥିଲେ।